ପାଇଡେଡ୍ ଫିଲୋମେନା ଗୋଞ୍ଜାଲଭେସ୍

ବନାମ

ଗୋଆ ରାଜ୍ୟ ଏବଂ ଅନ୍ୟମାନେ

ମାର୍ଚ୍ଚ 11,2004

[ଆର୍. ସି. ଲାହୋଟୀ ଏବଂ ଡକ୍ଟର ଏ. ଆର୍. ଲକ୍ଷ୍ମଣନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ପର୍ଯ୍ୟାବରଣ ସୁରକ୍ଷା ଅଧିନିୟମ, 1986:*

*ଏହାର ଧାରା 3 (1) ଏବଂ 3 (2) (v) - ଗୋଆର ଉପକୂଳ ଅଞ୍ଚଳରେ ଅନଧିକୃତ ନିର୍ମାଣ - ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତି ବିନା ଏକ ଚାଳ ଛପର ଘରକୁ ଏକ ପକ୍କା ଘର ରେ ପରିଣତ କରାଗଲା - ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦଖଲ କରାଗଲା - ଏହି ନିର୍ମାଣକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଗଲା - ଗୋଆ ରାଜ୍ୟ ଉପକୂଳ ପର୍ଯ୍ୟାବରଣ ସମିତି ଜାଣିବାକୁ ପାଇଲେ ଯେ ଏହି ନିର୍ମାଣଟି ସମୁଦ୍ର କୂଳରୁ ଉଚ୍ଚ ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳର 200 ମିଟର ମଧ୍ୟରେ ଅବସ୍ଥିତ ଏବଂ ଏହାକୁ ସେଠାରେ ଥିବା ବାଲୁକା ସ୍ତୁପ ଉପରେ ନିର୍ମାଣ କରାଯାଇଛି - ସମିତି ଧରି ନେଲେ ଯେ ତାରିଖ 19.2.1991 ର ଉପକୂଳବର୍ତ୍ତୀ ନିୟନ୍ତ୍ରିତ ଅଞ୍ଚଳ ଅଧିସୂଚନାକୁ ଉଲ୍ଲଂଘନ କରି ଏହି ନିର୍ମାଣ କରାଯାଇଛି - ଏହି ଅଧିସୂଚନା ଉପକୂଳ ଅଞ୍ଚଳରେ ପର୍ଯ୍ୟାବରଣ ଓ ପରିବେଶର ସୁରକ୍ଷା କରେ - ନିଯନ୍ତ୍ରଣକୁ ଉଲ୍ଲଂଘନ କରି କରାଯାଇଥିବା ନିର୍ମାଣକୁ କ୍ଷମା କରାଯାଇପାରିବ ନାହିଁ - ଏହି କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ମତରେ କୌଣସି ତ୍ରୁଟି ନାହିଁ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 960-961/ 2002

ଆଜ୍ଞାଦେଶ ଆବେଦନ ସଂଖ୍ୟା 76/95 ଏବଂ 237/1999 ରେ ଗୋଆ ସ୍ଥିତ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠଙ୍କର ତାରିଖ 2.3.2000 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଅଶୋକ ଗ୍ରୋଭର, ସୁଶ୍ରୀ ଅନୁପମା ଗ୍ରୋଭର, ଭି. କେ. ସିଂହ ଏବଂ ଟି. ଏନ୍. ସିଂହ ।

ଉତ୍ତରଦାତାମାନଙ୍କ ତରଫରୁ ଟି. ଏଲ. ଭି. ଆୟାର୍ ଏବଂ ସୁଶ୍ରୀ ଏ. ସୁଭାଶିନୀ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ :

ଆବେଦନକାରୀ , ଗୋଆର ସାଲସେଟ୍ ସ୍ଥିତ କୋଲଭା ଗ୍ରାମ ପଞ୍ଚାୟତର କ୍ଷେତ୍ରାଧିକର ମଧ୍ୟରେ ସର୍ଭେ ସଂଖ୍ୟା 54/4 ରେ ଅନ୍ତର୍ଭୁକ୍ତ ଏକ ସମ୍ପତ୍ତିର ଦଖଲରେ ଥିଲେ । ଏହା ଆବେଦନକାରୀଙ୍କ ନିଜ ମାମଲା ଯାହା ଆଜ୍ଞାଦେଶ ଆବେଦନର ଅନୁଚ୍ଛେଦ 4 ଅନୁଯାୟୀ ଏହି ପରି ଯେ , ଲାଟେରାଇଟ୍ ପଥର ଖମ୍ବ ଉପରେ ଏଠାରେ ଏକ ଚାଳ ଛପର ଘର ଥିଲା ଯାହାକି ସନ୍ ବାଥର ଏବଂ ପରିଦର୍ଶକ ମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା । ତେବେ, ପୁରୁଣା ନିର୍ମାଣ ସ୍ଥାନରେ, ଆବେଦନକାରୀ ନୂତନ ନିର୍ମାଣ ଆରମ୍ଭ କରିଥିଲେ ଯାହାର ଫଳସ୍ୱରୂପ ପୁରୁଣା ନିର୍ମାଣ ସ୍ଥାନରେ ଏକ ପକ୍କା ଘର ନିର୍ମାଣ ହୋଇଥିଲା ।

ନୂତନ ଘରଟି ବର୍ତ୍ତମାନ କଂକ୍ରିଟ୍ ଛାତ ସହିତ ଲାଟେରାଇଟ୍ ପଥର ଏବଂ ସିମେଣ୍ଟର ଏକ ନିର୍ମାଣ । ଏହି ନିର୍ମାଣ କାର୍ଯ୍ୟ 13.7.1994 ରେ ଆରମ୍ଭ ହୋଇଥିଲା ଏବଂ 17.8.1994 ରେ ସମାପ୍ତ ହେଲା । ଗୋଆ ସ୍ଥିତ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠରେ ଦୁଇଟି ଆଜ୍ଞାଦେଶ ଆବେଦନ ଦାଖଲ କରାଗଲା । ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ନିର୍ମାଣକୁ ଭାଙ୍ଗିବା ପାଇଁ ନିବେଦନ କରି, ଆବେଦନକାରୀଙ୍କ ପଡ଼ୋଶୀଙ୍କ ଦ୍ୱାରା ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 76/1995 ଦାଖଲ କରାଗଲା । ଆବେଦନକାରୀଙ୍କ ଦ୍ୱାରା ତାଙ୍କ ଦ୍ୱାରା କରାଯାଇଥିବା ନିର୍ମାଣର ସୁରକ୍ଷା ପାଇଁ ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 237/1999 ଦାଖଲ କରାଗଲା । ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 76/1995 ରେ ଅଭିଯୋଗକାରୀ ଅଭିଯୋଗ କଲେ ଯେ ଆବେଦନକାରୀଙ୍କ ନିର୍ମାଣ ଅନଧିକୃତ ଏବଂ ଏହା ଉପକୂଳବର୍ତ୍ତୀ ନିୟନ୍ତ୍ରିତ ଅଞ୍ଚଳରେ ଥିବା ସମୁଦ୍ର କୂଳରୁ ଉଚ୍ଚ ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳ ନିମିତ୍ତ ନିୟମକୁ ଉଲ୍ଲଂଘନ କରିଛି ଯେଉଁଠାରେ କୌଣସି ନିର୍ମାଣ ଅନୁମୋଦିତ ନୁହେଁ । ଦେୱାନୀ ଆବେଦନ ସଂଖ୍ୟା 237/1999 ରେ ଆବେଦନକାରୀଙ୍କ ମାମଲା ଏହା ଥିଲା ଯେ ତାଙ୍କ ଦ୍ୱାରା କରାଯାଇଥିବା ନିର୍ମାଣ ସମୁଦ୍ର କୂଳରୁ ଉଚ୍ଚ ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳର 200 ମିଟର ବାହାରେ ଥିବା ଅଞ୍ଚଳ ମଧ୍ୟରେ ଥିଲା, ସେଥିପାଇଁ ଏହା ଅନୁମୋଦିତ ଥିଲା ଏବଂ ଯେହେତୁ ଏହାକୁ କର୍ତ୍ତୃପକ୍ଷମାନଙ୍କର ପୂର୍ବ ଅନୁମତି ଦ୍ୱାରା ସମର୍ଥନ କରାଯାଇନଥିଲା , ତେଣୁ ଏହାକୁ ପରେ ଅନୁମତି ଦେଇ ନିୟମିତ କରାଯାଇପାରିବ । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନ ସଂଖ୍ୟା 76/1995 କୁ ଅନୁମତି ଦେଲେ କିନ୍ତୁ ଆବେଦନକାରୀଙ୍କ ଆଜ୍ଞାଦେଶ ଆବେଦନ ସଂଖ୍ୟା 237/1999 କୁ ଖାରଜ କରିଦେଲେ । ଉଚ୍ଚ

ନ୍ୟାୟାଳୟ  ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ନିର୍ମାଣକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଦୁଇଟି ଆଜ୍ଞାଦେଶ ଆବେଦନର ଫଇସଲା କରୁଥିବା ସାଧାରଣ ରାୟରେ ବ୍ୟଥିତ ହୋଇ ଆବେଦନକାରୀ ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଆବେଦନଗୁଡିକୁ ଦାଖଲ କରିଛନ୍ତି । ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ସେହି ଦୁଇଟି ଯୁକ୍ତିକୁ ଦୋହରାଇଛନ୍ତି ଯେଉଁଗୁଡିକ ଉଚ୍ଚ ନ୍ୟାୟାଳୟଙ୍କ  ସମ୍ମୁଖରେ ଆଗତ ହୋଇଥିଲା । ତାରିଖ 25.9.1996 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଶୀର୍ଷକ "ଦି ଗୋଆ ଫାଉଣ୍ଡେସନ୍ ଏବଂ ଅନ୍ୟଜଣେ ବନାମ ଗୋଆ ରାଜ୍ୟ ଏବଂ ଅନ୍ୟମାନେ" ଥିବା ଆଜ୍ଞାଦେଶ ଆବେଦନ ସଂଖ୍ୟା 102/1996 ରେ ଦିଆଯାଇଥିବା ରାୟ ଉପରେ ଦୃଢ ନିର୍ଭରଶୀଳତା ରଖାଯାଇଛି ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ନୌସେନା ସାମୁଦ୍ରିକ ମାନଚିତ୍ର ଅଙ୍କନ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ସାମୁଦ୍ରିକ ମାନଚିତ୍ର ଆଧାରରେ ସମୁଦ୍ର କୂଳରୁ ଉଚ୍ଚ ଜୁଆର ସୀମାରେଖା ନିର୍ଦ୍ଧାରଣ କରିବା ପ୍ରସଙ୍ଗରେ ନିର୍ଦ୍ଦେଶ ଜାରି କରିଛନ୍ତି । ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଦାଖଲ କରିଥିଲେ ଯେ ଅନ୍ୟ ଏକ ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଜାରି କରାଯାଇଥିବା ଏପରି ନିର୍ଦ୍ଦେଶକୁ ଉତ୍ତରଦାତାମାନେ ଗ୍ରହଣ କରିଛନ୍ତି ସେଥିପାଇଁ, ଯେପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 25.9.1996 ରେ ଜାରି କରାଯାଇଥିବା ନିର୍ଦ୍ଦେଶର ଅନୁପାଳନରେ ସମୁଦ୍ର କୂଳରୁ ଉଚ୍ଚ ଜୁଆର ସୀମାରେଖା ନିର୍ଦ୍ଧାରଣ କରାଯାଇନହିଁ, ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ନିର୍ମାଣକୁ ଭାଙ୍ଗିବା ଉଚିତ ନୁହେଁ ।

ଉଚ୍ଚ ନ୍ୟାୟାଳୟଙ୍କର ରାୟରେ କୌଣସି ତ୍ରୁଟି ରହିଛି ଏବଂ ଆବେଦନକାରୀଙ୍କୁ ସମ୍ବିଧାନର ଅନୁଚ୍ଛେଦ  136 ଅନୁଯାୟୀ ଏହି ନ୍ୟାୟାଳୟକୁ ଦିଆଯାଇଥିବା କ୍ଷେତ୍ରାଧିକାର ପ୍ରୟୋଗରେ କୌଣସି ଆଶ୍ୱସ୍ତି ଦିଆଯାଇପାରିବ ବୋଲି ଆମେ ଭାବୁନାହୁଁ  । ସ୍ୱୀକାରଯୋଗ୍ୟ ଯେ , ଆବେଦନକାରୀ ଯେଉଁ ନିର୍ମାଣ କରିଛନ୍ତି ତାହା ବିନା ଅନୁମତିରେ ହୋଇଛି ।ଏକ ମୁହୂର୍ତ୍ତ ପାଇଁ ଏହା ଧରି ନିଆଯାଉ ଯେ ସୀମା ନିର୍ଦ୍ଧାରଣ ଏବଂ ନୂତନ ଭାବରେ ମାପ ଏବଂ ସମୁଦ୍ର କୂଳରୁ ଉଚ୍ଚ ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳ ର ସୀମାରେଖାକୁ ନିର୍ଦ୍ଧାରଣ କରାଯାଇ ଏହା ଜାଣିବାକୁ ମିଳିଲା ଯେ ଏହି ନିର୍ମାଣ, ସମୁଦ୍ର କୂଳରୁ ଉଚ୍ଚ ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳର ସୀମାରେଖାର 200 ମିଟର ବାହାରେ କରାଯାଇଛି , କିନ୍ତୁ ଏହା ଖୁବ୍ ସ୍ପଷ୍ଟ ରୂପରେ ଦୃଶ୍ୟମାନ ଯେ ଆବେଦନକାରୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତି ବିନା ଏକ ନିର୍ମାଣ କରିବାର ଦୁଃସାହସ କରିଛନ୍ତି । ଏହା ବ୍ୟତୀତ, ଉତ୍ତରଦାତାଙ୍କ ତରଫରୁ ବିଦ୍ୱାନ

ଅଧିବକ୍ତା ଯଥାର୍ଥ ଭାବରେ ଦର୍ଶାଇଛନ୍ତି ଯେ ସମୁଦ୍ର କୂଳରୁ ଉଚ୍ଚ ଜୁଆର ସୀମାରେଖା ନିର୍ଣ୍ଣୟ ଏବଂ ନିର୍ଦ୍ଧାରଣ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ, ପର୍ଯ୍ୟାବରଣ ସୁରକ୍ଷା ଅଧିନିୟମ , 1986 ର ଧାରା 3 (1) ଏବଂ ଧାରା 3 (2) ପ୍ରଦତ୍ତ କ୍ଷମତାର ପ୍ରୟୋଗରେ ତାରିଖ 19.2.1991 ର ଉପକୂଳବର୍ତ୍ତୀ ନିୟନ୍ତ୍ରିତ ଅଞ୍ଚଳ ଅଧିସୂଚନାରେ ଉପସ୍ଥାପିତ ହୋଇଥିବା ତାରିଖ 18.8.1994 ର ସଂଶୋଧନ ଉପରେ ଆଧାରିତ , ଯେଉଁଠାରେ କି ସଂଶୋଧନ ତାରିଖ ପୂର୍ବରୁ ଆବେଦନକାରୀଙ୍କର ନିର୍ମାଣ ଶେଷ ହୋଇଯାଇଥିଲା , ସେଥିପାଇଁ ଆବେଦନକାରୀ ଆଜ୍ଞାଦେଶ ଆବେଦନ 102/1996 ରେ ପାରିତ ହୋଇଥିବା ଆଦେଶର ଲାଭ ଉଠାଇ ପାରିବେ ନାହିଁ ।

ଏଠାରେ, ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ଯେ ଆଜ୍ଞାଦେଶ ଆବେଦନ ବିଚାରଧୀନ ଥିବା ସମୟରେ, ଆବେଦନକାରୀ ଦୁଇଟି ଆବେଦନ ଦାଖଲ କରିଥିଲେ, ଯେଉଁଥିରୁ ଗୋଟିଏ ତାରିଖ 11.7.1995 ରେ , ସମ୍ପୃକ୍ତ ନିର୍ମାଣକୁ ନିୟମିତ କରିବା ଉଦ୍ଦେଶ୍ୟରେ ଦାଖଲ କରାଯାଇଥିଲା । ଗୋଆ ରାଜ୍ୟ ଉପକୂଳ ପର୍ଯ୍ୟାବରଣ ସମିତି ଯାହାକି ସେ ସମୟର ସକ୍ଷମ କର୍ତ୍ତୃପକ୍ଷ ଥିଲେ , ତାହା ଏକ ଉପ- ସମିତି ଗଠନ କଲେ ଯିଏ ଏହି ସ୍ଥାନର ଯାଞ୍ଚ କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସମୁଦ୍ର କୂଳରୁ ଉଚ୍ଚ ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳର 200 ମିଟର ମଧ୍ୟରେ ଅବସ୍ଥିତ ଏବଂ ଏହାକୁ ସେଠାରେ ଥିବା ବାଲୁକା ସ୍ତୂପଗୁଡିକ ଉପରେ ନିର୍ମାଣ କରାଯାଇଥିଲା । ଗୋଆ ରାଜ୍ୟ ଉପକୂଳ ପର୍ଯ୍ୟାବରଣ ସମିତି ଏହାର 20.10.1995 ସଭାରେ ଅନ୍ୟ ବିଷୟଗୁଡିକ ସହ ଏହା ଧରିନେଇ ନିଷ୍ପତ୍ତି ନେଲେ ଯେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ସମ୍ପୂର୍ଣ୍ଣ ନିର୍ମାଣଟି ଉପକୂଳବର୍ତ୍ତୀ ନିୟନ୍ତ୍ରିତ ଅଧିସୂଚନାକୁ ଉଲ୍ଲଂଘନ କରୁଥିଲା ।

ଉପକୂଳବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟାବରଣ ଏବଂ ପରିବେଶର ସୁରକ୍ଷା ପାଇଁ ଉପକୂଳବର୍ତ୍ତୀ ନିୟନ୍ତ୍ରିତ ଅଞ୍ଚଳ ଅଧିସୂଚନା ଜାରି କରାଯାଇଛି । ଏପରି ନିୟମାବଳୀର ଉଲ୍ଲଂଘନ କରି କରାଯାଇଥିବା ନିର୍ମାଣକୁ ହାଲୁକା ଭାବେ କ୍ଷମା କରାଯାଇପାରିବ ନାହିଁ । ଆମେ ଭାବୁନାହୁଁ ଯେ ଆବେଦନକାରୀ କୌଣସି ପ୍ରତିକାର ପାଇବାକୁ ହକଦାର । ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ଏହାର ଆକ୍ଷେପିତ ରାୟରେ ଦିଆଯାଇଥିବା ଦୃଷ୍ଟିକୋଣରେ କୌଣସି ତ୍ରୁଟି ମିଳିପାରିବ ନାହିଁ ।

ଆବେଦନଗୁଡିକରେ କୌଣସି ଯୋଗ୍ୟତା ନାହିଁ ବୋଲି ରାୟ ଦିଆଗଲା ଏବଂ ସେହି ଅନୁଯାୟୀ ଖାରଜ କରାଗଲା ।

ଆର୍.ପି.  ଆବେଦନ ଖାରଜ କରଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।